# Akashvani, Sambalpur

# SAMBALPURI NEWS BULLETIN

## 15 January 2026 – 6.47- 6.52 am.

**********************************************

ପ୍ରଧାନମନ୍ତ୍ରୀ ପ୍ରାକୃତିକ କୃଷି          ଏନ୍‌ଏସ୍‌ଡି

କୃଷିକେ ଆହୁରି ନିରନ୍ତର ଆଉ ପରିବେଶ ଅନୁକୁଲ୍ ବନାବାର୍ ଲାଗି ସରକାର ନିରନ୍ତର କାମ୍ କରୁଛନ୍ ବଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ । ନୂଆଦିଲ୍ଲୀ ନ ଗଲାକାଏଲ୍ ପୋଙ୍ଗଲ ଅବ୍‌ସରେ ହେଇଥିବା ଗୁଟେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ପ୍ରଧାନମନ୍ତ୍ରୀ କହିଛନ୍, ନୂଆ ନୂଆ ଚାଷ୍ ପ୍ରଣାଳୀ ଜରିଏ ଆମର ଥାଲି ଆଉ ପକେଟ ଭରି ରହୁ, ତାର୍ ସଙ୍ଗେ ଆମର୍ ପୁର୍‌ଥି ଭିଲ୍ ସୁରକ୍ଷିତ୍ ରହୁ । ଇ ସବୁଥି ଆମର୍ ଯୁଆନ୍ ପିଢ଼ି ନୂଆ ନୂଆ ଚିନ୍ତାଧାରା ସହେତେ ଆଗ୍‌କେ ବଢୁଛନ୍ ବଲି ପ୍ରଧାନମନ୍ତ୍ରୀ କହିଛନ୍...

(ଭଏସ୍-ପ୍ରଧାନମନ୍ତ୍ରୀ)

ନୀତି ଆୟୋଗ ରପ୍ତାନୀ ପ୍ରସ୍ତୁତି ତାଲିକା          ଏନ୍‌ଏସ୍‌ଡି

କେନ୍ଦ୍ର ସରକାରଙ୍କର୍ ଥିଙ୍କ୍ ଟେଙ୍କ ନୀତି ଆୟୋଗ୍ ତରଫୁ ବାହାରିଥିବା ରପ୍ତାନି ପ୍ରସ୍ତୁତି ସୂଚକାଙ୍କ ୨୦୨୪ ତାଲିକାଥି ଓଡ଼ିଶା ୪୮

ଦଶମିକ ୫୧ ସ୍କୋର୍ କରି କରି ଆକାଂକ୍ଷୀ ରାଜ୍ୟ ବର୍ଗଥି ସାମିଲ୍ ହେଇଛେ । ଇ କ୍ଷେତ୍ରଥି ବଡ଼ ରାଜ୍ୟ ବର୍ଗଥି ଓଡ଼ିଶା ୧୫ ନମ୍ବର ଠାନେ ରହିଛେ । ୨୦୨୩-୨୪ ଆର୍ଥିକ୍ ବଛରେ ରାଜ୍ୟ ୯୯ ହଜାର ୮ ଶହ ୫୪ କୋଟିର ରପ୍ତାନୀ କରି କରି ଗୁଟେ ପ୍ରମୁଖ ରପ୍ତାନୀ କେନ୍ଦ୍ରର୍ ମାଏନ୍ତା ପାଇଛେ । ଆଗ୍କେ ରାଏଜେ ରପ୍ତାନୀ ଇକୋ ସିଷ୍ଟମ୍ ଆହୁରି ବର୍କସ୍ କର୍ବାର୍କେ ନୀତି ଆୟୋଗ୍ ତର୍ଫୁ ପରାମର୍ଶ ଦିଆଯାଇଛେ । ରପ୍ତାନୀ ତୟାରି ସୂଚକାଙ୍କ ତାଲିକାଥି ମହାରାଷ୍ଟ୍ର ପହେଲା ଠାନେ ଥିଲା ବେଲ୍କେ ତାମିଲନାଡୁ ଦୁଇ ନମ୍ବର ଆଉ ଗୁଜରାଟ ୩ ନମ୍ବର ଠାନେ ରହିଛେ ।

ରାଜ୍ୟପାଲ-ଛାତ୍ରଛାତ୍ରୀ ସାକ୍ଷାତ ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟପାଲ ଡକ୍ଟର ହରିବାବୁ କମ୍ଭମପାଟି ଗଲାକାଏଲ୍ ଲୋକ ଭବନ୍ ଉଦ୍ୟାନ୍ ବୁଲି ଆସିଥିବା ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କର୍ ସଙ୍ଗେ ବାର୍ତାଲାପ କରିଛନ୍ । ଛୁଆମାନ୍ଙ୍କୁ ରାଜ୍ୟପାଲ ମକର ସଂକ୍ରାନ୍ତିର୍ ଶୁଭେଚ୍ଛା ଜନାବାର୍ ସହେତେ ବାଦାମ୍ ଲଡୁ, ଚକ୍ଲେଟ୍ ଆଉ କଲମ୍ ବାଂଟିଥିଲେ । ଇ ଅବ୍ସରେ ରାଜ୍ୟପାଲ୍ କହିଛନ୍, ସବୁଜିମାଥି ଭର୍ପୁର ଉଦ୍ୟାନ୍ ବୁଲ୍ବାର୍ ବେଲେ ଛୁଆମାନ୍ଙ୍କୁ ଭେଟ୍ବାର୍ ଆଉ ସେମାନଙ୍କର ଉତ୍ସାହ ଦେଖିକରି ଖୋବ୍ ଖୁସି ହେଇଛନ୍ ।

ମୁଖ୍ୟ ଶାସନ ସଚିବ ବୌଦ୍ଧ ଜିଲ୍ଲା ଗସ୍ତ ଆଇ.ଆଣ୍ଡ୍.ପି.ଆର

ମୁଖ୍ୟ ଶାସନ ସଚିବ ଅନୁଗର୍ଗ ବୌଦ୍ଧ ଜିଲ୍ଲା ଗସ୍ତଥି ଆସିକରି ହରଭଙ୍ଗା ବ୍ଲକ୍ ନ ତିଆର୍ ହେଉଥିବା ମେଗା ପାନୀୟ ଜଲ୍ ପ୍ରକଳ୍ପର୍ ପରିଦର୍ଶନ୍ କରିଛନ୍ । ଜଲ୍‌ଜୀବନ୍ ମିଶନ୍ ଯୋଜ୍‌ନାଥି ୨୦୨୧ ମସିହାନୁ ଚାଲିଥିବା ଇ ବୃହତ୍ ପ୍ରକଳ୍ପର୍ ଥିତି ବାବ୍‌ଦେ ଶ୍ରୀମତୀ ଗର୍ଗ ବିଭାଗୀୟ ଅଧିକାରୀ ଆଉ ଜିଲ୍ଲା ପ୍ରଶାସନ ଅଧିକାରୀମାନ୍‌କର ସଙ୍ଗେ ଆଲୋଚନା କରିଛନ୍ । ଧାରିଜ୍ ସମିଆ ଭିତ୍‌ରେ ନିର୍ମାଣ କାମ୍ ସବୁ ସାର୍‌ବାର୍ ଲାଗି ମୁଖ୍ୟ ଶାସନ ସଚିବ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ ।

ଜଲ୍ ସମ୍ପଦ ବିଭାଗ ସମୀକ୍ଷା ଆଇ.ଆଣ୍ଡ୍.ପି.ଆର

ଜଲ ସମ୍ପଦ ବିଭାଗର୍ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କର୍ ଅଧକ୍ଷତାଥି ଗଲାକାଏଲ୍ ବିଭାଗର୍ ସମ୍ମିଳନୀ କକ୍ଷ ନ ଗୁଟେ ଜରୁରୀ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ମୁଖ୍ୟମନ୍ତ୍ରୀଙ୍କର୍ ତର୍‌ଫୁ ଦିଆଯାଇଥିବା ୧୫ଟା ମାର୍ଗଦର୍ଶିକା ଅନ୍‌ସାରେ ବିଭାଗୀର କାମ୍‌କାଜ୍‌କେ ତୁର୍‌ତି କର୍‌ବାର୍ ଲାଗି ଜୋର୍ ଦିଆଯାଇଥିଲା । ଇତାର୍ ସହେତେ ଭିଜନ୍ ୨୦୩୬ ଆଉ ୨୦୪୭ଥି ଧାରିଜ୍ ୧୨ ଆଉ ୨୪ ମାସ୍‌ର ଲକ୍ଷ୍ୟ ହାସଲ୍ ଲାଗି ରଣନୀତି ବାବ୍‌ଦେ ଭିଲ୍ ସମୀକ୍ଷା କରାଯାଇଥିଲା ।

ଆମ ବସ୍ ସେବା ବୈଠକ                    ଆଇ.ଆଣ୍ଡ୍.ପି.ଆର

ଭୁବନେଶ୍ୱର କ୍ଷୁଟ୍ କାର୍ଯ୍ୟାଲୟ ନ ଗୃହ ନିର୍ମାଣ ଆଉ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାଥି ଆମ ବସ୍ ସେବା ବାବଦ୍ ଗଠିତ୍ ଗୁଟେ ଉଚ୍ଚସ୍ତରୀୟ କମିଟିର୍ ବୈଠକ୍ ହେଇଯାଇଛେ । ବୈଠକ୍ଥି ଭାରିଯାନ ଚଲାଚଲ୍ ଜରିଏ ସଡ଼କ ବେଭାର୍ କରୁଥିବା ଲୁକ୍କର ସୁରକ୍ଷା, ଯାତ୍ରୀ ଅନୁକୁଲ ଆମ ବସ୍ ସେବା ଆଉ ଚାଲକ୍ ମାନ୍କର ସାମଗ୍ରିକ୍ ବିକାଶ ବାବ୍ଦେ ଜୋର୍ ଦିଆଯାଇଥିଲା ।

ନୀତି ଆୟୋଗ ପ୍ରଭାରୀ ଗସ୍ତ          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଗସ୍ତଥି ଆସିଥିବା ନୀତି ଆୟୋଗ୍ର କେନ୍ଦ୍ରୀୟ ପ୍ରଭାରୀ ସମର ନନ୍ଦ ଗଲାକାଏଲ୍ ଗସ୍ତର ଶେଷ୍ ଦିନେ ଆକାଂକ୍ଷୀ ବ୍ଲକ୍ କୋମନା ପରିଦର୍ଶନ୍ କରିଛନ୍ । ଇ ଅବ୍ସରେ ଶ୍ରୀ ନନ୍ଦ ଇଚ୍ଛାପୁର ନ ଥିବା ମଡ଼ିଆ ପ୍ରକ୍ରିୟାକରଣ କେନ୍ଦ୍ର ବୁଲିଥିଲେ । ତାର୍ ଉତ୍ରୁ ଗେରୁ ଯୋର ଅଙ୍ଗନୱାଡ଼ି, ଛତା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, କୋମନା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ବୁଲିକରି ସେନ ଦିଆଯାଉଥିବା ଭିନ୍ ଭିନ୍ ସୁବିଧାକେ ପର୍ଖିଥିଲେ ।

ଘୁମୁରା ମହୋତ୍ସବ        କଳାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ମହୋତ୍ସବ ଘୁମୁରା ୨୦୨୬ ଗଲାକାଏଲ୍ ଉଦ୍‌ଘାଟିତ୍ ହେଇଯାଇଛେ । ଜିଲ୍ଲାପାଳ ଆଉ ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ସଚିନ ପାୱାର ପ୍ରକାଶଙ୍କର ଅଧ୍ୟକ୍ଷତାଥି ହେଇଥିବା ଉଦ୍‌ଘାଟନୀ ସମାରୋହଥି ରାଜ୍ୟ ସଭା ସାଂସଦ ସୁଜିତ୍ କୁମାର ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପାଟଯୋଶୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ପ୍ରମୁଖ ଯୋଗ୍ ଦେଇଥିଲେ ।

ପାର୍ବତୀ ଗିରି ଜନମ୍ ଶତବାର୍ଷିକୀ-ପ୍ରସ୍ତୁତି  ଆର୍‌ଏନ୍‌ୟୁ/ସମ୍ବଲପୁର

ବହ୍ନିକନ୍ୟା ପାର୍ବତୀ ଗିରିଙ୍କର୍ ଜନମ୍ ଶତବାର୍ଷିକୀ ପାଲନ୍ ଲାଗି ବରଗଡ଼ ଜିଲ୍ଲା ପ୍ରଶାସନ ତରଫୁ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବିଜେପୁର ବ୍ଲକ୍ କାର୍ଯ୍ୟାଳୟ ନ ହେଇଥିବା ବୈଠକ୍‌ଥି ବିଧାୟକ ସନତ କୁମାର ଗଡ଼ତିଆ ଯୋଗ୍ ଦେଇକରି ପାର୍ବତୀ ଗିରିଙ୍କର୍ ଜନ୍ମ ଶତବାର୍ଷିକୀ ପାଳନ୍‌ର ସଫଲ୍ ରୁପାୟନ୍ ଲାଗି ସବ୍‌କର୍ ସହଯୋଗ୍ କାମ୍‌ନା କରିଛନ୍ । ଆଏବା ୧୯ ତାରିଖ୍ ବିଜେପୁର ଉଚ୍ଚ ବିଦ୍ୟାଳୟ ପଡ଼ିଆ ନ କାର୍ଯ୍ୟକ୍ରମର ଆୟୋଜନ୍ ଲାଗି ବୈଠକ୍‌ଥି ଧାରିଜ୍ କରାଯାଇଛେ । ଇ

ଅବ୍‌ସରେ ତାଙ୍କର ଜନମ୍ ଠାନ୍ ସମଲେଇ ପଦର୍‌ନୁ ପାର୍ବତୀ ଗିରି ଜ୍ୟୋତି ଚେତନା ରଥ ସହର ପରିକ୍ରମା କର୍‌ବା ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଝାରଖଣ୍ଡର ରାଂଚିଠାନେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବର୍ଗଥି ବେଦାନ୍ତ କଳିଙ୍ଗ ଲାନସର୍ସ ଦଲ୍ ଲଗାତାର ୪ଟା ମେଚ୍ ଜିତିକରି ୧୧ ପଏଂଟ ସହେତେ ପଏଂଟ ଟେବୁଲ୍‌ର ଶିଘାଥି ରହିଛେ । ଗଲାକାଏଲ୍ ଦଲ୍ ୧-୦ ଗୋଲ୍‌ଥି ହାଇଦ୍ରାବାଦ୍ ତୋଫାନ୍‌କେ ହରେଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ଶନିବାର ଦିନ୍ ତକ୍ ଶୀତ୍ ଜାରି ରହେବା । ରଏବାର୍ ଦିନ୍‌ଠାନୁ ପଶ୍ଚିମାଝଡ଼ର୍ ପ୍ରଭାବ୍‌ଥି ତାପମାତ୍ରା ବଢ଼୍‌ବା । ଆଏଜ୍ ଝାର୍‌ସୁଗୁଡ଼ା, ଅନୁଗୁଲ୍, ଜଗତ୍‌ସିଂହପୁର୍, କଟକ୍, ଢେଙ୍କାନାଲ୍ ଆର୍ ଖୋର୍ଦ୍ଧା ନ ଜବର୍ ଶୀତ୍ ହେବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।